ପୁସ୍ତକ ପରିଚୟ

କଥାଶିଳ୍ପୀ ମନୋଜ ଦାସ

ଲେଖକ: ଡକ୍ଟର ଶତ୍ରୁଘ୍ନ ପାଣ୍ଡବ, ପ୍ରକାଶକ : ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ମୂଲ୍ୟ ପଞ୍ଚଷଠି ଟଙ୍କା ।



ସମକାଳୀନ ଭାରତୀୟ କଥା ସାହିତ୍ୟରେ ଶ୍ରୀ ମନୋଜ ଦାସ ଏକ ଉଲ୍ଲେଖନୀୟ ଆସନର ଅଧିକାରୀ । ଭାରତୀୟ ଜନଜୀବନର ବିଶ୍ୱସ୍ତ ରୂପକାର, ସମକାଳୀନ ଭାରତୀୟ କଥା ସାହିତ୍ୟରେ ପ୍ରାଚୀନ କଥା ପରମ୍ପରାର ନବୀନତମ ଉଦ୍‌ଗାତା ଶ୍ରୀ ଦାସ ସ୍ୱାଧୀନତା ପରବର୍ତ୍ତୀ ଓଡିଆ କଥା ସାହିତ୍ୟ କ୍ଷେତ୍ରରେ ଏକ ଜନପ୍ରିୟ ପାକ୍ଷିକ ଭାବରେ ସୁପରିଚିତ । ତାଙ୍କର ଗଳ୍ପ ପରିସର ଅତି ବସ୍ତୁତ-ସାଧାରଣ ମାନବୀୟ ଓ ସମାଜିକ ସମସ୍ୟାଠାରୁ ଆରମ୍ଭକରି ଆଧ୍ୟାତ୍ମିକ ଓ ରହସ୍ୟବାଦୀ ଜିଜ୍ଞାସାବୋଧ ପର୍ଯ୍ୟନ୍ତ ତାଙ୍କର ଚିନ୍ତା ଓ ଚେତନା ପରିବ୍ୟାପ୍ତ । ଗୁଣାତ୍ମକ ମାନ, ଉପସ୍ଥାପନାଗତ କଳାତ୍ମକତା, ପ୍ରଭାବଶାଳୀ ଆବେଦନ, ସର୍ବୋପରି ବ୍ୟକ୍ତିର ଅହଂକାର, ମୂଢତା ପ୍ରତି ସ୍ନେହଶୀଳ ବ୍ୟଙ୍ଗତାର ସଂସ୍କାର, ଶୋଧନ ଲାଗି ଆସ୍ଥା ଓ ବ୍ୟାକୁଳତା ତାଙ୍କୁ ଏକ ଉଚ୍ଚ କୋଟୀର ସ୍ରଷ୍ଟାର ଗୌରବ ଦେଇଛି । ଜଣେ ଏକନିଷ୍ଠ, ସାର୍ଥକ କଥାଶିଳ୍ପୀ ଭାବରେ ମନୋଜ ଦାସଙ୍କ ପରି ଜଣେ ଉତ୍ତରମୁଖୀ, ସାଧନାସିଦ୍ଧ ସ୍ରଷ୍ଟାଙ୍କ କଥା ସାହିତ୍ୟର ବିଭିନ୍ନ ଦିଗ ଦିଗନ୍ତ ଉପରେ ପୁସ୍ତକଟିରେ ବିସ୍ତୃତ ଆଲେଚନା କରିଛନ୍ତି ଡଃ ପାଣ୍ଡବ ।

ଏହାର ପ୍ରଥମ ପରିଚ୍ଛଦରେ ଗାଳ୍ପିକଙ୍କ ଗଳ୍ପ ରଚନାର ସମ୍ୟକ ଆଲୋକପାତ କରିବାକୁ ଯାଇ ଲେଖକ ଓଡିଆ କ୍ଷୁଦ୍ରଗଳ୍ପ ରେବତୀ' (୧୮୯୮) ଠାରୁ ମନୋଜ ଦାସଙ୍କ 'ସମୁଦ୍ରର କ୍ଷୁଧା' (୧୯୪୯) ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଓଡିଆ ଗଳ୍ପର ଆଙ୍ଗିକ ଓ ଆତ୍ମିକ ବିକାଶ-ବିବର୍ତ୍ତନକୁ ସୂଚାଇଛନ୍ତି । ଦ୍ୱିତୀୟ ପରିଚ୍ଛଦରେ ମନୋଜ ଦାସଙ୍କ ଗଳ୍ପ ଓ ପ୍ରାଚୀନ କାହାଣୀ ମଧ୍ୟରେ ଥିବା ସମ୍ପର୍କ, ମାର୍କସବାଦରୁ ଅରବିନ୍ଦ ଦର୍ଶନ ସମ୍ପର୍କରେ ସ୍ୱୟଂ ଗାଳ୍ପିକ ତଥା ସମାଲୋଚକଙ୍କ ମତ, ମନ୍ତବ୍ୟ, ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ଗଳ୍ପର କାଳାନୁକ୍ରମିକ ବିକାଶ ଓ ଉତ୍ତରଣ ଆଲୋଚିତ । ତୃତୀୟ ପରିଚ୍ଛଦରେ

ତାଙ୍କର ଗଳ୍ପରେ ପ୍ରାଚୀନ କାହାଣୀ ପରମ୍ପରାର ଉଦ୍‌ବର୍ତ୍ତନ ସମ୍ପର୍କୀୟ ବିବାଦ ଆଲୋଚନା ସହ ଗଳ୍ପର ସ୍ୱରୂପ ଓ ବୈଶିଷ୍ଟ୍ୟ । ଚତୁର୍ଥ ପରିଚ୍ଛଦରେ ମନୋଜ ଦାସଙ୍କ ଗଳ୍ପରେ ଆତ୍ମିକ ବିଭବର ମୂଲ୍ୟାୟନ, ପଞ୍ଚମ ପରିଚ୍ଛଦରେ ତାଙ୍କ ଗଳ୍ପର ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ପରିଲକ୍ଷିତ ଅନ୍ୟ କେତେକ ବୈଶିଷ୍ଟ୍ୟ (ସମଗ୍ର ଗଳ୍ପ ପରିପ୍ରେକ୍ଷୀରେ) ଓ ଉପସଂହାରରେ ଗଳ୍ପର ବିଭିନ୍ନ ବିଶେଷତ୍ୱ ସମ୍ପର୍କୀୟ ଉପଲବ୍ଧି ବା ନିଷ୍କର୍ଷ ସନ୍ନିବିଷ୍ଟ । ଓଡିଆ ଭାଷା ସାହିତ୍ୟର ଛାତ୍ରଛାତ୍ରୀ ଓ ଗବେଷକଙ୍କ ଦ୍ୱାରା ପୁସ୍ତକଟି ଆଦୃତ ହେବବୋଲି ଆଶା ।

କଳାହାଣ୍ଡିର କାବ୍ୟ

ଲେଖକ- ଶ୍ରୀ ନିରଞ୍ଜନ ପାଢ଼ୀ, ପ୍ରକାଶକ- ଚେତାବନୀ ପବ୍ଲିକେସନ୍ସ, କେସିଙ୍ଗା, କଳାହାଣ୍ଡି-୭୭୭୦୧୨, ମୂଲ୍ୟ- ପଚିଶ ଟଙ୍କା ।

ଅନୁନ୍ନତ, ଅନଗ୍ରସର, ଆଦିବାସ ଅଧ୍ୟୁଷିତ ବୋଲି ସାଧାରଣରେ କଥିତ ହେଉଥିବା କଳାହାଣ୍ଡି ଜିଲାର 'କଳାବତୀ ହାତରେ ସମର୍ପିତ ଶ୍ରୀ ପାଢ଼ୀଙ୍କ କବିତା ସଂକଳନ 'କଳାହାଣ୍ଡିର କାବ୍ୟ', ଓଡିଆ ଦୀର୍ଘ କବିତା ପରମ୍ପରାରେ ଏହା ଏକ ଚମତ୍କାର ସଂଯୋଜନା । ସମୁଦାୟ ଏକାନବେଟି ପର୍ଯ୍ୟାୟରେ ବିଭକ୍ତ ଏହି କାବ୍ୟଟିର ମୁଖ୍ୟ ପ୍ରସଙ୍ଗ ହେଉଛି କଳାହାଣ୍ଡିର ସମ୍ଭାବ୍ୟ ପ୍ରାଚୁର୍ଯ୍ୟ, ଯାହାକୁ କେହି ନ ଦେଖି କେବଳ କଳାହାଣ୍ଡିକୁ ଫଟା ଭାଗ୍ୟ ଓ ଫଟା ଭୂଇଁର ମାଟି ବୋଲି କହିଥାନ୍ତି । ଏହି ଅହେତୁକ ଅପବାଦ କବଳରୁ କଳାହାଣ୍ଡ ଓ କାବ୍ୟନାୟିକା ଆଦିବାସୀ ରମଣୀ କଳାବତୀକୁ ଶ୍ରଦ୍ଧାର ସହ ଏକ ସୁଦୀର୍ଘ ବର୍ଣ୍ଣମାଳାରେ ଅଭିନନ୍ଦିତ କରିଛନ୍ତି କବି । କଳାହାଣ୍ଡିର ଅନୁଭବ କବିଙ୍କର ଏକାନ୍ତ ଅନ୍ତରଙ୍ଗ ଓ ଅଖଳା ଅନୁଭବ । ବନ୍ଧ୍ୟା ମାଟିପ୍ରତି କବିଙ୍କର ଅହେତୁକ ମୋହ ବିଛାଡି ହୋଇପଡିଛି କଳାହାଣ୍ଡିର କାବ୍ୟରେ ଅବଶୋଷ ଓ ଶ୍ମଶାନର ନୁଖୁରା ଭୂଇଁ କଳାହାଣ୍ଡି ଓ କାବ୍ୟନାୟିକା

କଳାବତୀ ଏଠି କଳାମୟ, ଭାବମୟ ଓ ସପ୍ରମୟ । ଆଲୋଚ୍ୟ କାବ୍ୟରେ କିଛି ନୂତନ ଆଧୁନିକ ଚିତ୍ରକଳ୍ପ ସହ ଶବ୍ଦବୈଚିତ୍ର୍ୟର ପରାକାଷ୍ଠା ଉପଲବ୍ଧ ହୁଏ । କାବ୍ୟାମୋଦୀ ପାଠକ ମହଲରେ କଳାହାଣ୍ଡିର କାବ୍ୟ ବହୁଚର୍ଚ୍ଚିତ ହେବ ବୋଲି ଆଶା ।

ଅ ଆ ହ କ୍ଷ

ଲେଖକ : ଶ୍ରୀ ବିଷ୍ଣୁ ଆଚାର୍ଯ୍ୟ, ପ୍ରକାଶକ : ମେସର୍ସ ଚାଣକ୍ୟପୁରୀ ପ୍ରକାଶନୀ, କଟକ-୧୨, ମୂଲ୍ୟ ପଚିଶ ଟଙ୍କା ।



'ଅ ଆ ହ କ୍ଷ' କବିତାଗୁଚ୍ଛରେ ମୋଟ ଅଠରଟି କବିତା ସଙ୍କଳିତ । ଲେଖକଙ୍କ ଅନ୍ତରଙ୍ଗ ଅନୁଭୂତି ଓ ଭାବାବେଗରେ ବଳିଷ୍ଠ ସାକ୍ଷର ବହନ କରିଥିବା ଏହି ସଙ୍କଳନଟିର କବିତାଗୁଡିକ ବେଶ୍ ହୃଦୟଗ୍ରାହୀ । 'ଅ ଆ ହ କ୍ଷ', 'ସିଏ ଉବାଚ-୧', 'ସିଏ ଉବାଚ-୨', 'ମୁଁ', 'ଯୌବନ' ଆଉ 'ସେ', 'ଆଶ୍ଚର୍ଯ୍ୟମୁକ୍ତି' ଇତ୍ୟାଦି ଏହି ସଙ୍କଳନଟିରେ ଗୋଟିଏ ଗୋଟିଏ ସାର୍ଥକ କବିତା ।

ନବମସ୍ୱର୍ଗ

ଲେଖକ : ଶ୍ରୀ ରବି ସିଂ ପ୍ରକାଶକ : ମନୋଜକୁମାର ମହାପାତ୍ର, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ମୂଲ୍ୟ ସାଦା ପଚିଶ ଟଙ୍କା ବନ୍ଧେଇ ତିରିଶ ଟଙ୍କା ।

'ସବୁରି ଉପରେ ମଣିଷ ସତ୍ୟ; କିନ୍ତୁ ମଣିଷର ଜୀବନ ଘାତ-ପ୍ରତିଘାତ, ହସ-କାନ୍ଦ, ଜୟ ଓ-ପରାଜୟର ଏକ ମିଶ୍ରିତ ଜୀବନ । ଏଠି ଧର୍ମ ନାମରେ ଯାବତୀୟ ଅଧର୍ମ, ନୀତି ନାମରେ ନୀତିହୀନ କାର୍ଯ୍ୟ ଚାଲେ । ଏ ମାଟିରେ ମେହେନତୀ ମଣିଷର ରକ୍ତରେ ପୁଞ୍ଜିବାଦର ସୌଧ ତୋଳାହୁଏ । ବଞ୍ଚିବା ପାଇଁ ନିରନ୍ତର ସଂଗ୍ରାମ କରୁଥିବା ଅକପ୍ଟ ମଣିଷଟି ଶୋଷଣ, କ୍ଷଣ ଭିତରେ ଅକାଳରେ ଝରିପଡେ । କବି ରବି ସିଂଙ୍କର ଅନ୍ୟାନ୍ୟ କବିତା ସଙ୍କଳନ ପରି ଉକ୍ତ କବିତା ସଙ୍କଳନଟିରେ ସଙ୍କଳିତ କବିତାଗୁଡିକ ଏହି ମାନବତା ବିରୋଧୀ କ୍ରିୟାକଳାପ ବିରୋଧରେ ଗୋଟିଏ ଗୋଟିଏ ଇସ୍ତାହାର ।

ଧର୍ମନାମରେ ଚାଲିଥିବା ବ୍ୟଭିଚାର, ହିଂସାର ଦାବାନଳ ନିର୍ବାପିତ କରି ମାନବତାବାଦ ପ୍ରତିଷ୍ଠାର ଉଦାର ସ୍ୱର ଝଙ୍କୃତ ହୋଇଛି 'ବଡ଼ଦିନ' କବିତାରେ । 'ଜନଭାଗବତ'ରେ ଖଟିଖିଆ, ଶ୍ରମଜୀବୀ ମଣିଷର ଦୁଃଖଦୁର୍ଦ୍ଦଶା ପ୍ରତିଫଳିତ । 'ଷ୍ଟାଚ୍ୟୁ' ପ୍ରତୀକଧର୍ମୀ କବିତା ଅନ୍ୟାୟ, ଅତ୍ୟାଚାର, ଅବିଚାର ବିଦଳିତ ଆତ୍ମାର ସାର୍ଥକ ଅଭିବ୍ୟକ୍ତି । ମଶାଣିର ମାନଚିତ୍ର ଶୋଷଣକଷଣ, ପୀଡ଼ନ, ଛଳନା ଓ ପ୍ରତାରଣାର ଅନ୍ଧକାରମୟ ଅଧ୍ୟାୟର ପରିସମାପ୍ତି ଘଟାଇ ଏକ ନୂତନ ସାମ୍ୟ ସୃଷ୍ଟି ସର୍ଜନା, ସଙ୍କଳନଟିର ଶେଷ କବିତା 'ନବମ ସ୍ୱର୍ଗ' ଶୋଷଣ ଓ ଆଧିପତ୍ୟ ବିରୋଧରେ ବିଦ୍ରୋହର ବହ୍ନି ଜାଳି ଦେବାକୁ ଶ୍ରମଜୀବୀ, ନିପୀଡିତ ମଣିଷକୁ ଆହ୍ୱାନ ଦେଇଛନ୍ତି କବି । କାବ୍ୟାମୋଦୀ ପାଠକ ମହଲରେ ସଙ୍କଳନଟି ବହୁ ଚର୍ଚ୍ଚିତ ହେବ ବୋଲି ଆଶା ।

ଫକୀର ମୋହନ ସୃଷ୍ଟି-ସମୀକ୍ଷା

ଲେଖକ- ଡକ୍ଟର ନୃସିଂହ ଷଡ଼ଙ୍ଗୀ, ପ୍ରକାଶକ- ଓଡିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ-୨, ମୂଲ୍ୟ- ଚାଳିଶ ଟଙ୍କା ।

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୀବନୀ ତଥା ସାରସତ କୃତୀ ସଂପର୍କୀତ ପୁସ୍ତକ ଡଃ ଷଡ଼ଙ୍ଗୀଙ୍କ 'ଫକୀରମୋହନ ସୃଷ୍ଟି-ସମୀକ୍ଷା' । ଏଥିରେ ସନ୍ନିବିଷ୍ଟ ଅନେକ ପ୍ରବନ୍ଧ ପୂର୍ବରୁ ଓଡିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିସାରିଛି । ସନ୍ନିବିଷ୍ଟ ପ୍ରବନ୍ଧ ସମୂହରେ ଲେଖକ ବ୍ୟାସକବିଙ୍କ ଉତ୍‌ଥାନ-ପତନ ପୂର୍ଣ୍ଣ, ସଂଘର୍ଷମୟ ଜୀବନ ସହିତ ତାଙ୍କର କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ଜଣେ ଶିକ୍ଷକ, ପ୍ରଶାସକ, ସର୍ବୋପରି ଖ୍ୟାତନାମା ସାହିତ୍ୟିକ ହିସାବରେ ଫକୀରମୋହନଙ୍କ ସଂପର୍କିତ ଆଲୋଚନାଗୁଡିକ ବୌଦ୍ଧିକ, ଏଥିରୁ ଲେଖକଙ୍କ ଗଭୀର ଅନ୍ତର୍ଦୃଷ୍ଟି ଓ ମନନଶୀଳତାର ପରିଚୟ ମିଳିଥାଏ । ବିଶେଷ କରି ପୁସ୍ତକଟିରେ ଲେଖକ ଫକୀରମୋହନଙ୍କ କଥାସାହିତ୍ୟର ଭିନ୍ନ ଭିନ୍ନ ଚରିତ୍ରଗୁଡିକର ଆଲୋଚନା ସମୟରେ ନାରୀଚରିତ୍ରର ବହୁବିଧ ରୂପ ଏଥିରେ ବିଶ୍ଳେଷଣ କରିଛନ୍ତି । କାବ୍ୟକବିତାରେ ଫକୀରମୋହନ ତତ୍‌କାଳୀନ ସାମାଜିକ ଚଳଣି ଓ ପରଂପରାକୁ ପ୍ରତିପାଦିତ କରିବାରେ ଯେଉଁ ଅପୂର୍ବ ନୈପୁଣ୍ୟ ଦର୍ଶାଇଛନ୍ତି ତାର ମାର୍ମିକ ବିଶ୍ଳେଷଣ କରାଯାଇଛି ପୁସ୍ତକଟିରେ । ସଂକଳିତ ପ୍ରବନ୍ଧଗୁଡିକରେ ବ୍ୟାସକବିଙ୍କ କାବ୍ୟକବିତାରେ ବିଭୁଚେତନା, ବିଷାଦବାଦ, ବ୍ୟଙ୍ଗବିଦ୍ରୂପ, ରୋମାଣ୍ଟିକ ଅବବୋଧ, ପକ୍ଷୀପ୍ରୀତି ଓ ଅନ୍ୟାନ୍ୟ ବିଭାବର ବିଶ୍ଳେଷଣ କରାଯାଇଛି । ସବୁଶ୍ରେଣୀର ପାଠକ ମହଲରେ ପୁସ୍ତକଟି ଆଦୃତ ହେବ ବୋଲି ଆଶା ।

ଜୀବନ ରଙ୍ଗ

ଜୀବନ ରଙ୍ଗର ଅକ୍ଟୋବର ୧୯୯୪ ସଂଖ୍ୟା ପୂଜା ସଂଖ୍ୟା ଭାବରେ ଶ୍ରୀମତୀ ବିଜୟିନୀ ଦାସଙ୍କ ସଂପାଦନାରେ ପ୍ରକାଶ ପାଇଛି । ବହୁ ବିଶିଷ୍ଟ ଲେଖକ ଲେଖିକାଙ୍କ ଲେଖାରେ ପତ୍ରିକାଟିର କଳେବର ପରିପୁଷ୍ଟ । ଏହାର ବିଭିନ୍ନ ବିଭାଗରେ ପାଞ୍ଚୋଟି ସୁଖପାଠ୍ୟ ଗଳ୍ପ, ରମ୍ୟ ରଚନା, ମିନିଗପ, କବିତା, ପ୍ରବନ୍ଧ, ଧାରାବାହିକ କ୍ରମରେ ପ୍ରକାଶ ପାଉଥିବା ଉପନ୍ୟାସ 'ଲଫଙ୍ଗା' ଓ ଏକ ସଂପୂର୍ଣ୍ଣ ଉପନ୍ୟାସ ସ୍ଥାନ ପାଇଛି । ମୂଲ୍ୟ ବାରଟଙ୍କା, ଯୋଗାଯୋଗ : ଜୀବନରଙ୍ଗ ଭବନ, ଷ୍ଟୋନିରୋଡ଼, କଟକ-୭୫୩ ୦୦୨ ।

ସବୁ ଚଟକଣା

ଶ୍ରୀ ଦେବଦର୍ଶୀ ନାୟକଙ୍କ ସମ୍ପାଦନାରେ ସାପ୍ତାହିକ 'ସବୁ ଚଟକଣା'ର (ନଭେମ୍ବର ୧୩-୧୯, ୧୯୯୪) ଦ୍ୱିତୀୟ ସଂଖ୍ୟା ପ୍ରକାଶ ପାଇଛି । ଏଥିରେ ଉଚ୍ଚମାନର ବ୍ୟଙ୍ଗାତ୍ମକ ଲେଖା, ରାଜନୈତିକ ସମାଲୋଚନା, ରାଜନୈତିକ ହଟଚମଟ ସୃଷ୍ଟିକରିଥିବା ବିଶେଷ ସମାଦର ସମୀକ୍ଷା ଓ ବହୁ ବିତର୍କିତ ବିଷୟବସ୍ତୁ, ବିବରଣୀ ଇତ୍ୟାଦି ସ୍ଥାନ ପାଇଛି । ଉନ୍ନତ ମୁଦ୍ରଣ ପରିପାଟୀଯୁକ୍ତ ଏହି ପତ୍ରିକାଟିର ମୂଲ୍ୟ ତନିଟଙ୍କା ରଖାଯାଇଛି ।

The Concept of Yoga in the Gita

ଲେଖକ- ଡକ୍ଟର ଶରତଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶକ- ପଞ୍ଚାଲୋକ, ତଳ ମାଳିସାହି, ପୁରୀ, ପୃ- ୧୭୨, ମୂଲ୍ୟ- ଟ ୧୪୦/-

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତରର ଦର୍ଶନ ବିଭାଗର ପ୍ରାଧ୍ୟାପକ ଡକ୍ଟର ଶରତଚନ୍ଦ୍ର ପାଣିଗ୍ରାହୀଙ୍କର ଗବେଷଣା ପ୍ରସୂତ 'ଭଗବତ୍ ଗୀତାରେ ଯୋଗ ପ୍ରତ୍ୟୟ' ଶୀର୍ଷକ ପୁସ୍ତକଟି ପ୍ରତ୍ୟୟ ବିଶ୍ଳେଷଣାତ୍ମକ ଦର୍ଶନ ପଟଭୂମିରେ ରଚିତ । ଗୀତାଗ୍ରନ୍ଥକୁ ଏକ ଧର୍ମଗ୍ରନ୍ଥ ବା ନୀତି ଉପଦେଶ ଗ୍ରନ୍ଥ ଭାବରେ ନୁହେଁ, ଆଧୁନିକ ଅର୍ଥରେ ଏକ ଦାର୍ଶନିକ ଗ୍ରନ୍ଥ ଭାବରେ ଲେଖକ ବିଚାର କରିଛନ୍ତି । ତାଙ୍କ ମତରେ ଯୋଗ ପ୍ରତ୍ୟୟଟି ଗୀତାର ମୁଖ୍ୟ ଓ ମୌଳିକ ପ୍ରତ୍ୟୟ । ଏହା ସୁଖବାଦ, ପୂର୍ଣ୍ଣତାବାଦ ।

ଆଦିନୀତିଶାସ୍ତ୍ରୀୟ ତତ୍ତ୍ୱମାନଙ୍କର 'ମୂଳଭୂତ ପ୍ରତ୍ୟୟ' ଜ୍ଞାନ, କର୍ମ ଓ ଭକ୍ତି ପ୍ରତ୍ୟୟମାନ ତଦୁପରି ଆଧାରିତ । ଡକ୍ଟର ପାଣିଗ୍ରାହୀଙ୍କ ସିଦ୍ଧାନ୍ତ ଅନୁସାରେ ଯୋଗ ଜୀବନର ଏକ ଧାରା । ଏହି ବିଚାର ପରିପ୍ରେକ୍ଷୀରେ ଗତ, ସତ୍ୟ, ଧର୍ମ, ଜ୍ଞାନ, ତଥା ମୋକ୍ଷ ଭଳି ମହାର୍ଘ ପ୍ରତ୍ୟୟମାନଙ୍କର ଅର୍ଥ ଭାରତୀୟ ସାଂସ୍କୃତିକ ନବଦିଗନ୍ତ ଉନ୍ମୋ ତାଙ୍କର ବିଶ୍ୱାସ ।

'ପ୍ରସ୍ତାବନା' ଓ ଦୁଇଟି ଅଧ୍ୟାୟ ବ୍ୟତୀ ଅନ୍ୟ ସାତଗୋଟି ଅଧ୍ୟାୟ 'ଯୋଗ ଓ ଜୀବନର ଧାରା', 'ଧର୍ମ ସ୍ୱଧର୍ମ', 'ପୁରୁଷ ଓ ପୁରୁଷୋତ୍ତମ, 'କର୍ମଯୋଗ', 'ଜ୍ଞାନଯୋଗ', 'ଭକ୍ତିଯୋଗ', 'ଯୋଗ ଓ ପରମ ମୂଲ୍ୟବୋଧ' ।

ଗୀତାଗ୍ରନ୍ଥ ଅଧ୍ୟୟନ କରୁଥିବା ସାଧାରଣ ବ୍ୟକ୍ତି, ଛାତ୍ର ତଥା ଗବେଷକମାନଙ୍କୁ ଏହି ପୁସ୍ତକଟି ନିଶ୍ଚିତଭାବେ ନୂତନ ଦିଗ୍‌ଦର୍ଶନ ଦେବ । ବିଶେଷକରି ଏଥିସହିତ ସନ୍ନିବିଷ୍ଟ ଗ୍ରନ୍ଥ ବିବରଣୀ ଗବେଷକମାନଙ୍କ ନିମିତ୍ତ ଅତ୍ୟନ୍ତ ସାହାଯ୍ୟପ୍ରଦ ହେବ ।

ଓଷାଭ୍ରତ : ଗପ

ଲେଖକ : ଶ୍ରୀ ନିର୍ମଳ ମିଶ୍ର, ପ୍ରକାଶକ : ତାରାତାରିଣୀ ପୁସ୍ତକାଳୟ, ବାରାକ୍ସ, ବ୍ରହ୍ମପୁର-୧, ମୂଲ୍ୟ ପଇଁତିରିଶ ଟଙ୍କା ।

ଓଡିଆମାନଙ୍କର ଆଧ୍ୟାତ୍ମିକ ପରମ୍ପରାରେ ଓଷାବ୍ରତର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ସମୟରେ ବିଶେଷତଃ ଗୃହିଣୀମାନଙ୍କ ଦ୍ୱାରା ପାଳିତ ହେଉଥିବା ଓଷାବ୍ରତ ପାଳନର ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି । ଏହି ଓଷାବ୍ରତ, ପୂଜା, ଉପବାସର ପୃଷ୍ଠ ଭୂମିରେ ରହିଛି ନୀତିଶିକ୍ଷା, ଉପଦେଶ, ବିଭୁକୃପା ଲାଭର ଅମଳିନ ଭାବଧାରା ଓ ଏହା ସହିତ ଅନେକ କିମ୍ବଦନ୍ତୀ ଜଡିତ, ଯାହା ପାଠ କଲେ ହୃଦୟରେ ସ୍ୱତଃ ବିମଳ ଭକ୍ତିରସ ପ୍ରବାହିତ ହୋଇ ଆଧ୍ୟାତ୍ମିକ ଚେତନାର ଉନ୍ମେଷ ଘଟିଥାଏ । ଆମର ପରମ୍ପରାରେ ପ୍ରଚଳିତ ଏହିଭଳି ୮୩ଟି ଓଷାବ୍ରତ ଗପ ଏଥିରେ ସରଳ ଭାଷାରେ ବର୍ଣ୍ଣିତ । ସବୁ ଶ୍ରେଣୀର ପାଠକ ମହଲରେ ପୁସ୍ତକଟିର ଉପଯୋଗିତା ସ୍ୱୀକାର୍ଯ୍ୟ ।

ସଂସାର

ରାମକୃଷ୍ଣ ନନ୍ଦଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଜ୍ଞାନବିଜ୍ଞାନ ମୂଳକ ଶିଶୁ କିଶୋର ପତ୍ରିକା 'ସଂସାର'ର ନଭେମ୍ବର-୧୯୯୪ ସଂଖ୍ୟା ଆମର ହସ୍ତଗତ ହୋଇଛି । ପତ୍ରିକାଟିର ଗଳ୍ପ ଓ ଜୀବନୀ, କବିତା, ବିଦେଶ କଥା ଓ ମନୋରଞ୍ଜନ ବିଭାଗରେ ଶିଶୁ-କିଶୋରଙ୍କ ଉପଯୋଗୀ ବହୁ ଉପାଦେୟ ଲେଖା ସ୍ଥାନ ପାଇଛି । ଉଲ୍ଲେଖଯୋଗ୍ୟ ଯେ ଏହି ସଂଖ୍ୟାଟି ତାଙ୍କର ଶେଷ ସମ୍ପାଦନା, ମୂଲ୍ୟ ଚାରିଟଙ୍କା, ଯୋଗାଯୋଗ : ସଂସାର ପ୍ରେସ, ତଳତେଲେଙ୍ଗା ବଜାର, କଟକ-୭୫୩୦୦୯ ।

ସବୁ ପରିଚିତ ଆଖି

ରବିପ୍ରିୟ ଦାଶ, ପ୍ରକାଶକ- ଗୀତା ପ୍ରକାଶନୀ, ଖୋର୍ଦ୍ଧା, ମୂଲ୍ୟ- ୨୫ ଟଙ୍କା ।

ସ୍ନେହ, ପ୍ରେମ, ତାଚ୍ଛଲ୍ୟ, ଈର୍ଷା, ଅସୂୟା, ଅହଂକାର ଓ ଅଭିମାନର ଆଖି ସାମ୍ନାରେ ବନ୍ଦୀ କବି ରବିପ୍ରିୟ ଦାଶଙ୍କ ବିଭିନ୍ନ ସ୍ୱାଦର ୩୯ଟି କବିତାର ଏକ ମନୋଜ୍ଞ ସଂକଳନ 'ସବୁ ପରିଚିତ ଆଖି' ।

ସଂକଳନଟିର ସ୍ରଷ୍ଟା ପେଷାରେ ସାମ୍ବାଦିକ ଓ ନିଶାରେ କବି ହୋଇଥିବାରୁ ଅନେକ ଘଟଣାର ସାକ୍ଷୀ ତାଙ୍କ କବିତା । ସାମାଜିକ ଓ ଶିକ୍ଷା ବ୍ୟବସ୍ଥା, ସହର-ମଫସଲର ସମନ୍ୱୟରେ ଉତୁରି ଉଠୁଥିବା ଜୀବନଧାରା, ଟିଲିକା କୂଳ ଓ ବାଲୁଗାଁ ପରିବେଶ ଦୀର୍ଘ ୧୭ ପୃଷ୍ଠା ବିଶିଷ୍ଟ 'କ୍ୟାବିନ' କବିତାରେ ସମୁଜ୍ଜଳ । ହଜାରୀର 'କ୍ୟାବିନରେ କାକରର ହାତ, ଘାସ ଉପରେ ଦେହ ମାଡୁଥିବା, ଝଅଟିର ଅଳତାରେ ରାସ୍ତା ଓଦାହେଉଥିବ । ଗଙ୍ଗଶିଉଳିର ପ୍ରତିଟି ପାଖୁଡାରେ ଜୀବନ୍ତ ଇତିହାସ, କାଉର କା ଡାକରେ କାହା ହାତରୁ ଗରା ଖସିବାର ଶବ୍ଦ, ପ୍ରତିଟି ମାଇଲରେ କାତିରେ ଭିନ୍ନ ଭିନ୍ନ ସୂର୍ଯ୍ୟୋଦୟ ଏବଂ ବହୁ ବର୍ଷା, ଶିଶିର, ଶୀତ, ସକାଳ ସଞ୍ଜର ବିଭିନ୍ନ ମୁହୂର୍ତ୍ତକୁ କ ଯଥାଥଭାବେ ପ୍ରତିପାଦିତ କରିଛି ଅତି ରୁଚିରେ ।

The Concept of Yoga in the Gita

ଲେଖକ- ଡକ୍ଟର ଶରତଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶକ- ପଞ୍ଚାଲୋକ, ତଳ ମାଳିସାହି, ପୁରୀ, ପୃ- ୧୭୨, ମୂଲ୍ୟ- ଟ ୧୪୦/-

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତରର ଦର୍ଶନ ବିଭାଗର ପ୍ରାଧ୍ୟାପକ ଡକ୍ଟର ଶରତଚନ୍ଦ୍ର ପାଣିଗ୍ରାହୀଙ୍କର ଗବେଷଣା ପ୍ରସୂତ 'ଭଗବତ୍ ଗୀତାରେ ଯୋଗ ପ୍ରତ୍ୟୟ' ଶୀର୍ଷକ ପୁସ୍ତକଟି ପ୍ରତ୍ୟୟ ବିଶ୍ଳେଷଣାତ୍ମକ ଦର୍ଶନ ପଟଭୂମିରେ ରଚିତ । ଗୀତାଗ୍ରନ୍ଥକୁ ଏକ ଧର୍ମଗ୍ରନ୍ଥ ବା ନୀତି ଉପଦେଶ ଗ୍ରନ୍ଥ ଭାବରେ ନୁହେଁ, ଆଧୁନିକ ଅର୍ଥରେ ଏକ ଦାର୍ଶନିକ ଗ୍ରନ୍ଥ ଭାବରେ ଲେଖକ ବିଚାର କରିଛନ୍ତି । ତାଙ୍କ ମତରେ ଯୋଗ ପ୍ରତ୍ୟୟଟି ଗୀତାର ମୁଖ୍ୟ ଓ ମୌଳିକ ପ୍ରତ୍ୟୟ । ଏହା ସୁଖବାଦ, ପୂର୍ଣ୍ଣତାବାଦ ।

ଆଦିନୀତିଶାସ୍ତ୍ରୀୟ ତତ୍ତ୍ୱମାନଙ୍କର 'ମୂଳଭୂତ ପ୍ରତ୍ୟୟ' ଜ୍ଞାନ, କର୍ମ ଓ ଭକ୍ତି ପ୍ରତ୍ୟୟମାନ ତଦୁପରି ଆଧାରିତ । ଡକ୍ଟର ପାଣିଗ୍ରାହୀଙ୍କ ସିଦ୍ଧାନ୍ତ ଅନୁସାରେ ଯୋଗ ଜୀବନର ଏକ ଧାରା । ଏହି ବିଚାର ପରିପ୍ରେକ୍ଷୀରେ ଗତ, ସତ୍ୟ, ଧର୍ମ, ଜ୍ଞାନ, ତଥା ମୋକ୍ଷ ଭଳି ମହାର୍ଘ